# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**29 September - 2024**

**News Editor : Tapan Kumar Moharana**

********************************

## ମୁଖ୍ୟ ସମ୍ବାଦ

- ମେକ୍ ଇନ୍ ଇଣ୍ଡିଆ ଅଭିଯାନ ଭାରତକୁ ବିଶ୍ୱରେ ଉତ୍ପାଦନ ଏବଂ ପ୍ରସ୍ତୁତି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି ବୋଲି କହିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
- ଯୋଗ୍ୟ ଶେଷ ହିତାଧିକାରୀଙ୍କୁ ସାମିଲ କରିବା ପର୍ଯ୍ୟନ୍ତ ସରକାର ଜାରି ରଖିବେ ଇ-କେୱାଇସି ପ୍ରକ୍ରିୟା
- ସମବାୟ ସମିତିଗୁଡ଼ିକର ସଶକ୍ତୀକରଣ ପାଇଁ ଆସନ୍ତାକାଲିଠାରୁ ଭୁବନେଶ୍ୱରଠାରେ ଆରମ୍ଭ ହେବ ଦୁଇଦିନିଆ ଜାତୀୟସ୍ତରୀୟ ସମୀକ୍ଷା ବୈଠକ

ଏବଂ

- ହୃତ୍‌ପିଣ୍ଡର ଯତ୍ନ ଏବଂ ହୃଦ୍ ରୋଗ ବିଷୟରେ ଲୋକଙ୍କୁ ସଚେତନ କରାଇବା ଲାଗି ଆଜି ପାଳନ କରାଯାଉଛି ବିଶ୍ୱ ହୃତ୍‌ପିଣ୍ଡ ଦିବସ

# ମନ୍ କୀ ବାତ୍

ମେକ୍ ଇନ୍ ଇଣ୍ଡିଆ ଅଭିଯାନ ଭାରତକୁ ବିଶ୍ୱରେ ଉତ୍ପାଦନ ଏବଂ ପ୍ରସ୍ତୁତି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ସମାଜର ଆର୍ଥିକ ଦୁର୍ବଳ ବର୍ଗ, ମଧ୍ୟବିତ୍ତ ଏବଂ ଏମ୍.ଏସ୍.ଏମ୍.ଇ. କ୍ଷେତ୍ର ଏହି ଅଭିଯାନ ଦ୍ୱାରା ଯଥେଷ୍ଟ ଉପକୃତ ହେଉଛନ୍ତି ବାଲି ପ୍ରଧାନମନ୍ତ୍ରୀ ଆକାଶବାଣୀରେ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରି କହିଛନ୍ତି ।

ଆସନ୍ତା ଅକ୍ଟୋବର ମାସ ୨ ତାରିଖରେ ସ୍ୱଚ୍ଛ ଭାରତ ମିଶନକୁ ୧୦ବର୍ଷ ପୂରଣ ହେବ । ଏହାର ସଫଳତା ଉପରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ସ୍ୱଚ୍ଛତା ଉପରେ ସମସ୍ତେ ଅଧିକ ଧ୍ୟାନ ଦେଉଛନ୍ତି । ବର୍ଜ୍ୟଠାରୁ ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ଏହି ମନ୍ତ୍ର ଅଧିକ ଗ୍ରହଣୀୟ ହୋଇପାରିଛି । ଲୋକଙ୍କ ସହଭାଗିତା ଏହାକୁ ଏକ ଜନ ଆନ୍ଦୋଳନରେ ପରିଣତ କରିଛି । ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତି ଦେଶବାସୀଙ୍କର ଏହା ଏକ ପ୍ରକୃଷ୍ଟ ଶ୍ରଦ୍ଧାଞ୍ଜଳି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

'ଏକ୍ ପେଡ୍ ମା କେ ନାମ୍' ଅଭିଯାନରେ ଅଧିକରୁ ଅଧିକ ଲୋକଙ୍କର ଯୋଗଦାନ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି। ନିର୍ଦ୍ଧାରିତ ଲକ୍ଷ୍ୟଠାରୁ ଅଧିକ ଚାରାରୋପଣ କରି କେତେକ ରାଜ୍ୟ ଉତ୍କର୍ଷ ପ୍ରତିପାଦନ କରିପାରିଛନ୍ତି ବୋଲି ସେ କହିଛନ୍ତି ।

ମାତୃଭାଷାର ମହତ୍ୱ ଉପରେ ଆଲୋଚନା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଦେଶରେ ୨୦ହଜାର ଭାଷା ଏବଂ ଉପଭାଷା ରହିଛି । ସାନ୍ତାଳି ଭାଷାର ସଂରକ୍ଷଣ ପାଇଁ ନିଆଯାଇଥିବା ପ୍ରୟାସକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି ।

ମୟୂରଭଞ୍ଜ ନିବାସୀ ରାମଜିତ୍ ଟୁଡୁ ଅନ୍‌ଲାଇନ୍ ମାଧ୍ୟମରେ ସାନ୍ତାଳି ଭାଷାର ପ୍ରଚାର ଏବଂ ପ୍ରସାର ଉପରେ ନେଉଥିବା ପଦକ୍ଷେପର ସେ ଉଚ୍ଚ ପ୍ରଶଂସା କରିଛନ୍ତି ।

ମନ୍ କି ବାତ୍‌ର ଇତିହାସକୁ ପର୍ଯ୍ୟାଲୋଚନା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଏହି କାର୍ଯ୍ୟକ୍ରମକୁ ୧୦ବର୍ଷ ପୂରଣ ହେବାକୁ ଯାଉଛି । ୨୦୧୪ ଅକ୍ଟୋବର ୩ ତାରିଖ ବିଜୟାଦଶମୀ ଦିନ ମନ୍ କି ବାତ୍ କାର୍ଯ୍ୟକ୍ରମର ଆରମ୍ଭ ହୋଇଥିଲା । ଶ୍ରୋତାଙ୍କୁ ଏହି କାର୍ଯ୍ୟକ୍ରମର ପ୍ରକୃତ ଉପସ୍ଥାପକ ବୋଲି ପ୍ରଧାନମନ୍ତ୍ରୀ ବର୍ଣ୍ଣନା କରିଛନ୍ତି । ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆକାଶବାଣୀ, ଦୂରଦର୍ଶନ ଏବଂ ପ୍ରସାରଭାରତୀ ସହ ଜଡିତ ପ୍ରତ୍ୟେକ କର୍ମଚାରୀ ଏବଂ ଅଧିକାରୀଙ୍କର ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି ।

## ଇ-କେଓ୍ୱାଇସି- ରାସନକାର୍ଡ

ରାଜ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଯେଉଁ ପର୍ଯ୍ୟନ୍ତ ଶେଷ ବ୍ୟକ୍ତିଙ୍କର ଇ-କେଓ୍ୱାଇସି ସରିନାହିଁ, ସେତେବେଳ ଯାଏଁ ଇ-କେଓ୍ୱାସି ପ୍ରକ୍ରିୟା ଜାରି ରହିବ। ବର୍ତ୍ତମାନ ସୁଦ୍ଧା ରାଜ୍ୟର ୨ କୋଟିରୁ ଉର୍ଦ୍ଧ୍ୱ ଲୋକଙ୍କର ଇ-କେଓ୍ୱାଇସି ପ୍ରକ୍ରିୟା ଶେଷ ହୋଇଛି। ବଳକା ଦେଢ଼ କୋଟି ଲୋକଙ୍କର ଏହି ଇ-କେଓ୍ୱାଇସି କରିବା ପାଇଁ ଦେଢ଼ ମାସ ସମୟ ଲାଗିବାର ସମ୍ଭାବନା ରହିଛି। ଇ-କେଓ୍ୱାଇସି ପ୍ରକ୍ରିୟା ଶେଷ ହେବା ପରେ ଅଯୋଗ୍ୟ

ହିତାଧିକାରୀଙ୍କ ପ୍ରକୃତ ସଂଖ୍ୟା ଜଣାପଡିବ। ନୂଆ କାର୍ଡ ପାଇଁ ଆବେଦନ କରିଥିବା ଯୋଗ୍ୟ ଆବେଦନକାରୀଙ୍କୁ ରାସନ କାର୍ଡ ବଣ୍ଟନ କରାଯିବ।

## ଖାଦ୍ୟ ଅପମିଶ୍ରଣ

ପାର୍ବଣଋତୁରେ ରାଜ୍ୟରେ ଖାଦ୍ୟ ଅପମିଶ୍ରଣ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖାଦ୍ୟ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ବିଶେଷକରି ଦୁଗ୍ଧଜାତ ସାମଗ୍ରୀ ଉପରେ କଡା ନଜର ରଖାଯିବା ସହ ବିଭିନ୍ନ ପ୍ରକାର ମିଠା ପ୍ରସ୍ତୁତକାରୀଙ୍କ ଉପରେ ଆବଶ୍ୟକସ୍ଥଳେ ଚଢ଼ାଉ କରାଯିବ।  ଅପମିଶ୍ରଣ ହେଉଥିବା ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ଗଣମାଧ୍ୟମକୁ କହିଛନ୍ତି।

## ମୁଖ୍ୟମନ୍ତ୍ରୀ–ଝାଡଖଣ୍ଡ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଝାଡଖଣ୍ଡ ଗସ୍ତରେ ଯିବେ। ପଶ୍ଚିମ ସିଂହଭୂମର ଜଗନ୍ନାଥପୁରରେ  ହେବାକୁଥିବା ପ୍ରାକ୍ ନିର୍ବାଚନ ଶୋଭାଯାତ୍ରାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ଆସନ୍ତା ମଙ୍ଗଳବାର ଦିନ ଚାଇଁବସାର କୋଲ୍‌ହାନ୍ ଗସ୍ତରେ ଯାଇ ଝାଡଖଣ୍ଡରେ ଥିବା ଓଡ଼ିଆ ଲୋକଙ୍କୁ ସାକ୍ଷାତ କରିବେ ବୋଲି ଜଣାପଡିଛି।

## ପରୀକ୍ଷାମୂଳକ ରେଳଯାତ୍ରା

ବୌଦ୍ଧ ଓ ପୁରୁଣାକଟକ ମଧ୍ୟରେ ନିର୍ମିତ ନୂତନ ଲାଇନ୍‌ରେ ଆଜି ରେଳଇଞ୍ଜିନ୍ ପରୀକ୍ଷାମୂଳକ ଯାତ୍ରା କରିଛି। ନବନିର୍ମିତ ବୌଦ୍ଧଷ୍ଟେସନଠାରୁ ଯାତ୍ରା ଆରମ୍ଭ କରି ପୁରୁଣା କଟକଷ୍ଟେସନରେ ପହଞ୍ଚିଥିବା ସୁସଜ୍ଜିତ ରେଳଇଞ୍ଜିନ୍‌କୁ ସାଧାରଣ ଲୋକେ, ଦକ୍ଷିଣ ପୂର୍ବ ରେଳବାଇର ବରିଷ୍ଠ

ଅଧିକାରୀମାନେ ସ୍ୱାଗତ କରିଥିଲେ। ଏହି ରୁଟ୍‌ରେ ଖୁବ୍ ଶୀଘ୍ର ରେଳଯାତ୍ରୀସେବା ଆରମ୍ଭ କରାଯିବ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ବୌଦ୍ଧ ଜିଲ୍ଲାର ହରଭଙ୍ଗା ବ୍ଲକ୍‌ର ଆଡେଣୀଗଡ଼ଠାରୁ କୋରଡାକୋଠା ପର୍ଯ୍ୟନ୍ତ ୪ କିଲୋମିଟର ଦୀର୍ଘ ରେଳ ଟନେଲ୍ ନିର୍ମାଣ କରାଯାଉଛି।

## ସମୀକ୍ଷା ବୈଠକ

ସମବାୟ ସମିତିଗୁଡ଼ିକର ସଶକ୍ତୀକରଣ ପାଇଁ ଆସନ୍ତାକାଲିଠାରୁ ଭୁବନେଶ୍ୱରଠାରେ ଦୁଇଦିନିଆ ଜାତୀୟ ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। କେନ୍ଦ୍ର ସରକାରଙ୍କର ସମବାୟ ମନ୍ତ୍ରଣାଳୟ ଶାସନ ସଚିବ ଆଶିଷ୍ ଭୋଟାନୀ ଏବଂ ଓଡ଼ିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୂଜା ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ୨୮ଟି ରାଜ୍ୟ ଏବଂ ୪ଟି କେନ୍ଦ୍ରଶାସିତ ଅଂଚଳରେ ପ୍ରତିନିଧିମାନେ ଏହି ବୈଠକରେ ଯୋଗଦେବେ। ମିଳିଥିବା ସୂଚନା ଅନୁସାରେ, ଦେଶରେ ୨ ଲକ୍ଷ ନୂତନ ଆଦର୍ଶ ପ୍ରାଥମିକ କୃଷି ସମବାୟ ସମିତି, ପ୍ରାଥମିକ ଦୁଗ୍ଧ ଉତ୍ପାଦନ ଏବଂ ମତ୍ସ୍ୟ ସମବାୟ ସମିତି ଗଠନ ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ସମବାୟ ମଧ୍ୟରେ ସହଭାଗିତାକୁ ସୁଦୃଢ଼ କରିବା ପାଇଁ ବୈଠକରେ ବିଚାର ବିମର୍ଶ କରାଯିବ।

## ରାଡାର ଷ୍ଟେସନ

ଓଡ଼ିଶାରେ ଭାରତୀୟ ବାୟୁସେନା ପକ୍ଷରୁ ରାଡାର ଷ୍ଟେସନ ସ୍ଥାପନ କରାଯିବ। ସମ୍ବଲପୁରର ହୀରାକୁଦଠାରେ ଏକ ମଧ୍ୟମ ଶ୍ରେଣୀ ପାୱାର ରାଡାର ଷ୍ଟେସନ୍ ସ୍ଥାପନ କରିବା ପାଇଁ ରାଜ୍ୟ ସରକାର ଜମି ଯୋଗାଇ ଦେଇଛନ୍ତି। ରାଜ୍ୟ ସରକାର ଗୌଡପାଲି ମୌଜାରେ ଜଳସମ୍ପଦ ବିଭାଗ ଅଧୀନରେ ଥିବା ୨ ଦଶମିକ ୪/୦ ଏକର ଜମିକୁ ରାଜସ୍ୱ ବିଭାଗକୁ ହସ୍ତାନ୍ତର

କରିଛନ୍ତି । ହୀରାକୁଦ ସମୁଦ୍ର ପତ୍ତନଠାରୁ ଉଚ୍ଚରେ ଥିବାରୁ ରାଡାର ଷ୍ଟେସନ୍ ସ୍ଥାପନ ପାଇଁ ଏହି ସ୍ଥାନକୁ ଚୟନ କରାଯାଇଛି । ଏହି ରାଡାର ଷ୍ଟେସନ ସ୍ଥାପନ ହେଲେ ପୂର୍ବ ଭାରତରେ ବାୟୁସେନାର ଏକ ପ୍ରମୁଖ କେନ୍ଦ୍ର ହେବ ।

## ଚିତ୍ରକଳା ପ୍ରଦର୍ଶନୀ

**ଗଞ୍ଜାମ** ଜିଲ୍ଲା ଖଲ୍ଲିକୋଟସ୍ଥିତ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଆଜି ସ୍ୱାଧୀନ ଚିନ୍ତା ଶୀର୍ଷକ ଏକ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି । ସ୍ୱାଧୀନତାର ଅନୁଚିନ୍ତା ଉପରେ ଆଧାରିତ ୭୫ଟି ଛବି ଓ ପୋଷ୍ଟର ସହିତ ଭାସ୍କର୍ଯ୍ୟକଳା ପ୍ରଦର୍ଶନୀରେ ପ୍ରଦର୍ଶିତ ହେଉଛି । ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଛନ୍ତି ।

## ଉନ୍ନତ ଗ୍ରାମ ଅଭିଯାନ

**ବୌଦ୍ଧ** ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଅନୁସୂଚିତ ଜନଜାତି ଓ ଉନ୍ନତ ଗ୍ରାମ ଅଭିଯାନ ଯୋଜନାରେ ଜିଲ୍ଲାର ସମସ୍ତ ଯୋଗ୍ୟ ଆଦିମ ଜନଜାତି ଓ ଆଦିବାସୀମାନଙ୍କୁ ସାମିଲ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣାପଡିଛି । ଆସନ୍ତା ମଙ୍ଗଳବାର ଦିନ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିନିମନ୍ତେ ଆଜି ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଅଧୀନରେ ଜନଜାତି ଓ ଆଦିବାସୀମାନଙ୍କ ପାଇଁ  ଉଦ୍ଦିଷ୍ଟ ୨୫ଟି ବିକାଶମୂଳକ ଯୋଜନାର ଲାଭ ପାଇବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବ । ଯୋଗ୍ୟ ହିତାଧିକାରୀଙ୍କ ପାଇଁ ପକ୍‌କା ଘର, ଗମନାଗମନ ସୁବିଧା, ଆତ୍ମନିଯୁକ୍ତି ତାଲିମ୍, ଶିକ୍ଷା, ସ୍ୱାସ୍ଥ୍ୟସେବା ଆଦି ଅନ୍ତର୍ଭୁକ୍ତ ।

## ସ୍ୱଚ୍ଛତା ହିଁ ସେବା

**ରାୟଗଡ଼ା** ଜିଲ୍ଲା ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ପକ୍ଷରୁ ସହରର ଦହିଖାଲ ମନ୍ଦିର ପରିସରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ହୋଇଯାଇଛି। ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ମନ୍ଦିର ସଫେଇ ସହିତ ଶିଶୁ ଉଦ୍ୟାନ ସଫେଇ, ମା' ପାଇଁ ଗଛଟିଏ ଉଦ୍ଦେଶ୍ୟରେ ଚାରାରୋପଣ କରାଯାଇଥିଲା।

## ଗଣେଶ ଭସାଣ

କଟକ ସହରର ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ଗଣେଶ ଭସାଣ ଆଜି ଅନୁଷ୍ଠିତ ହେଉଛି। ୨୨୧ରୁ ଅଧିକ କ୍ଲବ୍ ଓ କମିଟିଗୁଡ଼ିକୁ ଭସାଣ ପାଇଁ କଟକ ମ୍ୟୁନିସ୍‌ପାଲ କର୍ପୋରେସନ୍ ପକ୍ଷରୁ ଲାଇସେନ୍ସ ଦିଆଯାଇଛି। ନଦୀଜଳକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ସିଏମ୍‌ସି ପକ୍ଷରୁ ୧୫ଟି ସ୍ଥାନରେ କୃତ୍ରିମ ଜଳାଶୟ କରାଯାଇଛି। ଭସାଣ ଶୋଭାଯାତ୍ରା ରାତି ୧୦ଟାରେ ଶେଷ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି।

# ବିଶ୍ୱ ହୃତ୍‌ପିଣ୍ଡ ଦିବସ

ହୃତ୍‌ପିଣ୍ଡର ଯତ୍ନ ଏବଂ ହୃଦ୍‌ରୋଗ ବିଷୟରେ ଲୋକମାନଙ୍କୁ ସଚେତନ କରାଇବା ଲାଗି ୨୦୦୦ ମସିହାଠାରୁ ଆଜିର ଦିନକୁ ବିଶ୍ୱ ହୃତ୍‌ପିଣ୍ଡ ଦିବସ ଭାବେ ପାଳନ କରାଯାଉଛି। ଚଳିତ ବର୍ଷର ବିଶ୍ୱ ହୃତ୍‌ପିଣ୍ଡ ଦିବସର ବାର୍ତ୍ତା ରହିଛି - 'ଉପଯୁକ୍ତ କାର୍ଯ୍ୟବିଧାନ ପାଇଁ ହୃତ୍‌ପିଣ୍ଡକୁ ବ୍ୟବହାର କରନ୍ତୁ'।

ମଣିଷ ଶରୀରର ହୃତ୍‌ପିଣ୍ଡ ଏକ ମାଂସପେଶୀୟ ଅଙ୍ଗ। ଗୋଟିଏ ଦିନରେ ଜଣେ ଲୋକର ହୃତ୍‌ପିଣ୍ଡ ୬ ହଜାରରୁ ୭ ହଜାର ୫୦୦ ଲିଟର ରକ୍ତ ସଂଚାଳନ କରିଥାଏ। ହୃତ୍‌ପିଣ୍ଡ ଗୋଟିଏ ଛୋଟ ପମ୍ପ ପରି। ପ୍ରତି ମିନିଟ୍‌ରେ

ନିୟମିତ ଭାବେ ୭୨ ଥର ସ୍ପନ୍ଦନ କରୁଥିବା ହୃତ୍‌ପିଣ୍ଡ ଦିନକୁ ୧ ଲକ୍ଷରୁ ଅଧିକ ଥର ଏବଂ ବର୍ଷକୁ ୩୬୫ ଲକ୍ଷ ଥର ସ୍ପନ୍ଦିତ ହୋଇଥାଏ। ଜଣେ ଲୋକର ହୃତ୍ ସ୍ପନ୍ଦନ ୬୦ ରୁ କମ୍ ଏବଂ ନିରନ୍ତର ଭାବେ ୧୦୦ରୁ ଅଧିକ ରହିଲେ ସେ ହୃଦ୍ ରୋଗର ଶିକାର ହୋଇଥାନ୍ତି। ଉଚ୍ଚରକ୍ତଚାପ, ମଧୁମେହ, ଅତ୍ୟଧିକ କୋଲେଷ୍ଟ୍ରଲ, ମୋଟାପଣ, ମାନସିକ ଦୁଃଶ୍ଚିନ୍ତା, ଧୂମପାନ, କମ୍ ପରିଶ୍ରମ ଏବଂ ବଦଳୁଥିବା ଜୀବନଶୈଳୀ ପାଇଁ ଲୋକମାନେ ହୃଦ୍‌ରୋଗର ଶିକାର ହେଉଛନ୍ତି।

ପୃଥିବୀରେ ପ୍ରତ୍ୟେକ ବର୍ଷ ୧ କୋଟି ୭୦ ଲକ୍ଷ ଲୋକ ହୃଦ୍‌ରୋଗରେ ମୃତ୍ୟୁବରଣ କରିଥାନ୍ତି। ସେମାନଙ୍କ ମଧ୍ୟରୁ ମଧ୍ୟମ ଏବଂ କମ୍ ଆୟ ଦେଶର ପ୍ରାୟ ୮୦ ପ୍ରତିଶତ ଲୋକଙ୍କର ମୃତ୍ୟୁ ହୋଇଥାଏ। ଏକ ବେସରକାରୀ ସୂଚନା ଅନୁସାରେ ଓଡ଼ିଶାରେ ପ୍ରାୟ ୫ ଲକ୍ଷ ଲୋକ ହୃଦ୍‌ରୋଗର ଶିକାର ହୋଇଥାନ୍ତି। ସରକାରୀ ଡାକ୍ତରଖାନାରେ ହୃଦ୍‌ରୋଗର ଚିହ୍ନଟ ଓ ଚିକିତ୍ସା ମାଗଣାରେ କରାଯାଉଛି। ରାଷ୍ଟ୍ରୀୟ ବାଲ୍‌ବିକାଶ କାର୍ଯ୍ୟକ୍ରମ ଅଧୀନରେ ଶିଶୁମାନଙ୍କ ପାଇଁ ହୃତ୍‌ଶଲ୍ୟ ଚିକିତ୍ସା ପ୍ରମୁଖ ଡାକ୍ତରଖାନାଗୁଡ଼ିକରେ ବିନା ଦେୟରେ ମିଳିପାରୁଛି। ସୁଷମଖାଦ୍ୟ, ନିୟମିତ ବ୍ୟାୟାମ ଓ ସ୍ୱାସ୍ଥ୍ୟ ପରୀକ୍ଷା ଦ୍ୱାରା ହୃଦ୍‌ରୋଗକୁ ହ୍ରାସ କରାଯାଇପାରିବ।

## ପାଣିପାଗ

ଦେଶରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜସ୍ଥାନର ଅନେକ ସ୍ଥାନରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ନେଇ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଓଡ଼ିଶାରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ପ୍ରାୟ ଅକ୍ଟୋବର ମାସ

ଦ୍ୱିତୀୟ ସପ୍ତାହ ରହିଥାଏ। ପାଣିପାଗ ବିଭାଗର ସୂଚନା ଅନୁସାରେ, କେନ୍ଦୁଝର, ଦେବଗଡ଼ ଭଦ୍ରକ ଓ ଝାରସୁଗୁଡ଼ା ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଛି।

ସ୍ୱାଭାବିକ ବର୍ଷା ୧ ହଜାର ୧୩୮ ଦଶମିକ ୯ ମିଲିମିଟର ବର୍ଷା ତୁଳନାରେ ଚଳିତବର୍ଷ ମୌସୁମୀ ଋତୁରେ ଜୁନ୍‌ମାସ ପହିଲାରୁ ବର୍ତ୍ତମାନ ସୁଦ୍ଧା ୧ ହଜାର ୯୦ ମିଲିମିଟର ବର୍ଷା ହୋଇଛି। ଭଦ୍ରକ ଜିଲ୍ଲାରେ ସର୍ବାଧିକ ୨୬ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିବାବେଳେ ନୂଆପଡା ଓ ମାଲକାନଗିରି ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ଏବଂ ରାଜ୍ୟର ଅନ୍ୟ ୨୪ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଥିବା ଜଣାପଡିଛି।

*****************************